# Akashvani, Sambalpur

## SAMBALPURI NEWS BULLETIN

### 1 December 2025 – 6.47- 6.52 am.

*****************************************************

ସଂସଦ୍- ଶୀତ୍‌କାଲୀନ୍ ଅଧିବେଶନ୍        ଏନ୍‌ଏସ୍‌ଡି

ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ଅଧିବେଶନ୍ ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା । ଇଥି ମୋଟ୍ ୧୫ ଟା କାର୍ଯ୍ୟଦିବସ୍ ରହିଛେ । ଇଥର ୧୪ ଟା ଭିନ୍ ଭିନ୍ ବିଲ୍ ସଂସଦ୍ ନ ଉପସ୍ଥାପନ୍ କରାଯିବା । ସେଥିର୍ ଭିତ୍‌ରେ ଜାତୀୟ ରାଜପଥ ସଂଶୋଧନ୍ ବିଲ୍, ଆଣବିକ ଶକ୍ତିବିଲ୍, କର୍ପୋରେଟ୍ ବ୍ୟାପାର ଆଇନ୍ ସଂଶୋଧନ୍ ବିଲ୍, ବୀମା ଆଇନ୍ ସଂଶୋଧନ୍ ବିଲ୍, ଭାରତୀୟ ଉଚ୍ଚଶିକ୍ଷା ଆୟୋଗ୍ ବିଲ୍ -୨୦୨୫ ବାଗିର୍ ବହୁତ୍‌ଟେ ବିଲ୍ ରହିଛେ । ଅଧିବେଶନ୍ ଆଘୋନୁ ଗଲାକାଏଲ୍ ନୂଆଦିଲ୍ଲୀ ନ ସରକାର୍‌ଙ୍କର୍ ତର୍‌ଫୁ ସର୍ବଦଳୀୟ ବୈଠକ୍ ହେଇଥିଲା ।

ଏମ୍‌ଏସ୍‌ଏମ୍‌ଇ -ମୁଖ୍ୟମନ୍ତ୍ରୀ         ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଓଡ଼ିଶା ପୂର୍ବ ଭାରତର୍ ଏମ୍ଏସ୍ଏମ୍ଇ ପ୍ରବେଶ୍ ପଥ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ରେଲ୍ ସଦନ୍ ଠାନେ ଗଲାକାଏଲ୍ ଓଡ଼ିଶା ଲଘୁ ଉଦ୍ୟୋଗ ଭାରତୀୟ ତର୍ଫୁ ହେଇଥିବା ଓଡ଼ିଶା ଶିଳ୍ପ ସମ୍ମିଲନୀ-୨୦୨୫ ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, କଠିନ୍ ପରିଶ୍ରମ, ନୂଆଁ ସୃଜନ୍ ଥି ଭର୍ପୁର୍ ଓଡ଼ିଶା ଏମ୍ଏସ୍ଏମ୍ଇ କ୍ଷେତ୍ରଥି ଦେଶର୍ ସବୁନୁ ଆକର୍ଷଣୀୟ ରାଜ୍ୟ ହେଇଛେ । ବିକଶିତ ଓଡ଼ିଶା ଆଉ ବିକଶିତ୍ ଭାରତ୍ କାର୍ଯ୍ୟକ୍ରମ୍ ଖାଲି ଗୁଟେ ପ୍ରତିଶ୍ରୁତି ନୁହେଁସେ, ଓଡ଼ିଶା ଖୋବ୍ ଜଲ୍ଦି ଏମ୍ଏସ୍ଏମ୍ଇ କ୍ଷେତ୍ରଥି ପୂର୍ବ ଭାରତ୍ର ନେତୃତ୍ୱ ନେବା । ଇ ବଛର୍ ଭିତିଭୂମି ନିର୍ମାଣ୍ ଲାଗି ରାଜ୍ୟର୍ ଜିଡ଼ିପିର୍ ୬ ଦଶ୍ମିକ୍ ୧ ପ୍ରତିଶତ୍ ବିନିଯୋଗ୍ କରାଯାଇଛେ, ଯେନ୍ଟାକି ସାରା ଭାରତ୍ ନ ସବୁନୁ ଜହ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମନରେଗା-ସାହାଜ୍ ବଢ଼୍ଲା I&PR

ରାଜ୍ୟ ସର୍କାର୍ ମନରେଗା ଯୋଜ୍ନାଥି ସ୍ୱତନ୍ତ୍ର ସାହାଜ୍ ୨୦୨୮-୨୯ ଆର୍ଥିକ୍ ବଛର୍ତକ୍ ବଢ଼େଇଛନ୍ । ରାଏଜେ ଶ୍ରମିକ୍ ସ୍ଥାନାନ୍ତରଣ୍ ରୁକ୍ବାର୍ ସହେତେ ସେମାନ୍କର୍ ଆର୍ଥିକ୍ ଥିତିଥି ଉନ୍ନତି ଆନ୍ବାର୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ଯୋଜ୍‌ନାଥି ୯ ଟା ଜିଲ୍ଲାର୍ ୩୦ ଟା ବ୍ଲକ୍‌ର ୫ ଲାଖ୍ ୯୭ ହଜାର୍ ପରିବାର୍ ଲାଭ୍ ପାଇପାର୍‌ବେ । ଇତାର୍ ଜରିଏ ଶ୍ରମିକ୍‌ମାନ୍‌କୁ ୩ ଶହ ଦିନର୍ ନିଶ୍ଚିତ କର୍ମନିଯୁକ୍ତି ଯୁଗେଇ ଦେବାର୍ ସହେତେ ବଢ଼୍‌ତି ମଜ୍‌ରୀ ଦିଆଯିବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସର୍‌କାରୀ ଅଧିକାରୀ-ସମ୍ପତି ତାଲିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ସର୍‌କାରୀ ଅଧିକାରୀମାନେ ଠିକ୍ ସମିଆଥି ନିଜର୍ ସମ୍ପତି ତାଲିକା ଦାଖଲ୍ ନାଇଁକଲେ ପଦୋନ୍ନତି ନାଇଁମିଲେ । ବିଭାଗୀୟ ପଦୋନ୍ନତି କମିଟି- ଡିପିସି ବୈଠକ୍‌ଥି ଅଧିକାରୀମାନ୍‌କୁ ସମ୍ପତି ତାଲିକା ଦେବାର୍‌କେ ପଡ଼୍‌ବା ବଲି ଗଲାକାଏଲ୍ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଜାନୁଆରୀ ମାସ୍‌ତକ୍ ଅଧିକାରୀମାନେ ନିଜର୍ ସମ୍ପତିର୍ ତାଲିକା ଦାଖଲ୍ କର୍‌ବେ ବଲି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ବିଦ୍ୟାଳୟ ପରିଚାଳନା କମିଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟକାଳ ୨୦୨୬ ମସିହା ମାର୍ଚ୍ଚ ମାସର୍ ୩୧ ତାରିଖ୍ ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ଜିଲ୍ଲା ଆଉ

ଗୋଷ୍ଠୀ ଶିକ୍ଷା ଅଧିକାରୀମାନ୍‌କୁ ଓସେପା ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବିଦ୍ୟାଳୟମାନ୍‌କର୍ ଦୈନିକ୍ ଆର୍ଥିକ୍ କାର୍‌ବାର୍ ଆଉ ପରିଚାଳନା ଠିକ୍ ଭାବେ କର୍‌ବାର୍ ଲାଗି ଜିଲ୍ଲାପାଳ୍‌ଙ୍କର୍ ଅନୁମୋଦନ୍ ଉତ୍‌ରୁ ଇ ଅବଧି ବଢ଼ାଯାଇଛେ ବଲି ଓସେପା ତର୍‌ଫୁ କୁହାଯାଇଛେ ।

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ I&PR

ରାଜ୍ୟର୍ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ୩ ଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟୁଡ଼ିଓ ଛକ୍ ନୁ ସୋଆ ଷ୍ଟାଡ଼ିୟମ୍ ତକ୍ ଗୁଟେ ସଚେତନତା ପଦଯାତ୍ରାର୍ ଆୟୋଜନ୍ କରାଯାଇଛେ ।

ବିଶ୍ୱ ଏଡ଼୍‌ସ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଏଡ଼୍‌ସ୍ ଦିବସ୍ । ଏଚ୍‌ଆଇଭିର ପ୍ରଭାବ୍ ବାବ୍‌ଦେ ସଚେତନତା, ଏଡ୍‌ସ ରୋଗୀମାନ୍‌କର ପ୍ରତି ରହିଥିବା ଘୃଣା ଆଉ ଭେଦଭାବ୍‌କେ ଦୂର୍ କର୍‌ବାର ଲାଗି ଆଉ ସଂକ୍ରମିତ ରୋଗୀଙ୍କର୍ ଜୀବନ୍‌ଶୈଳିଥି ଉନ୍ନତି ଆନ୍‌ବାରଟା ଇ ଦିବସ୍‌ର ଲକ୍ଷ୍ୟ ଆଏ । ମିଲିତ୍

ଜାତିସଂଘର ଡାକ୍‌ରାଥି ୧୯୮୮ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଏଡ୍‌ସ୍ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ଇ ବଛରର୍ ଏଡ୍‌ସ୍ ଦିବସ୍‌ର ବାର୍ତା ହେଉଛେ 'ବିଭ୍ରାଟ୍‌କେ ଦୂର୍ କର୍‌ମା: ଏଡ୍‌ସର ପ୍ରତିକ୍ରିୟାକେ ବଦ୍‌ଲାମା' । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଏଜ୍ ନୂଆଦିଲ୍ଲୀ ନ ହେବାର୍‌କେ ଥିବା ବିଶ୍ୱ ଏଡ୍‌ସ ଦିବସ-୨୦୨୫ର ଜାତୀୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

କଳିଙ୍ଗ ପୁସ୍ତକ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ଗଲା ୧୦ ଦିନ୍ ହେଲା ଚାଲିଥିବା କଳିଙ୍ଗ ପୁସ୍ତକ ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମେଳାଥି ସାରା ଦେଶୁ ଆସିଥିବା ୨ ଶହ ନୁ ଅଏତ୍‌କା ବହି ପ୍ରକାଶକ, ବିତରକ ଆଉ ବିକ୍ରେତା ସାମିଲ୍ ହେଇଥିଲେ । ଇ ବଛର୍ ମେଳାଥି ୨ କୋଟିନୁ ଅଏତ୍‌କା ଟଙ୍କାର୍ କାର୍‌ବାର୍ ହେଇଛେ ।

ସମ୍ବଲ୍‌ପୁର୍- ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଗଲା ୨୮ ତାରିଖ୍ ନୁ ଧାନ୍ ମଣ୍ଡି ଖୁଲିଛେ । ହେଲେ କିଛି ସମସ୍ୟା ଲାଗି ଧାନ୍ ଘିନା ଅଟ୍‌କି ରହିଥିଲା । ଇ ବାବ୍‌ଦେ ଜିଲ୍ଲାପାଲ୍

ଆଉ ମିଲର୍ସ ମାନ୍‌କର୍ ଭିତ୍‌ରେ ଗଲାକାଏଲ୍ ଆଲୋଚନା ହେବାର୍ ଉତ୍‌ରୁ ଆଏଜ୍‌ଠାନୁ ଧାନ୍‌ଘିନା ସୁରୁଖୁରୁଥି କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଚାଷୀମାନ୍‌କର୍ ସୁବିଧା ଲାଗି ତୁର୍‌ତି ଧାନ୍ ଉଠାବାର୍‌କେ ମିଲର୍ସ ମାନେ ପ୍ରତିଶ୍ରୁତି ଦେଇଛନ୍ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍ ।

ଟି-ଟ୍ୱେଂଟି -ଟିକେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ହେବାର୍ ଥିବା ଭାରତ୍-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଂଟି ମେଚ୍ ଲାଗି ଆଏଜ୍‌ଠାନୁ ଟିକେଟ୍ ବିକ୍ରି ମୁଲ୍ ହେଉଛେ । ଲୁକେ ମଏଧାନର୍ ୨ ବଜେନୁ ଡିଷ୍ଟ୍ରିକ୍ଟ ବାଇ ଜମାଟୋ ଆପ୍ଲିକେସନ୍ ଆଉ ୱେବ୍‌ସାଇଟ୍‌ଥି ଟିକେଟ୍ ବୁକିଂ କରିପାର୍‌ବେ । ଖାଲି ୨ ହଜାର୍‌ଟା ଟିକେଟ୍ ଅନ୍‌ଲାଇନ୍‌ଥି ମିଲିପାର୍‌ବା । ବାକି ଟିକେଟ୍ ୫ ତାରିଖ୍ ଦିନ କାଉଂଟର୍ ନ ବିକ୍ରି ହେବା । ଇଥର ୨୩ ହଜାର୍ ଟିକେଟ୍ ବିକ୍ରି ହେବା ଆଉ ୧୮ ହଜାର୍ ୪ ଶହ ଟିକେଟ୍ ପାସ୍ ଆକାରେ ଦିଆଯିବା ବଲି ଓଡ଼ିଶା କ୍ରିକେଟ୍ ସଂଘ-ଓସିଏ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରଧାନ୍‌ପାଟ୍ କପ୍ ଫୁଟ୍‌ବଲ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ଚାଲିଥିବା ୭ ନମ୍ବର୍ ପ୍ରଧାନ୍‌ପାଟ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ସମ୍ବଲ୍‌ପୁର୍ ଏଫ୍‌ସି ଦଲ୍ ଚମ୍ପିଆନ୍ ହେଇଛେ । ସମ୍ବଲ୍‌ପୁର୍ ଏଫ୍.ସି. ଫୁଟ୍‌ବଲ୍ ଦଲ୍ ୨/୧ ଗୋଲ୍‌ଥି ସମ୍ବଲ୍‌ପୁର୍ ଏକାଡେମି ଦଲ୍‌କେ ହରେଇଛେ । ୭ ଦିନ୍ ଧରିକରି ହେଇଥିବା ଇ ଟୁର୍ଣ୍ଣାମେଂଟ୍‌ଥି ରାଜ୍ୟ ଆଉ ରାଜ୍ୟବାହାରୁ ମୋଟ୍ ୮ ଟା ଦଲ୍ ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍‌ଠାନୁ ଶୀତ୍ ସାମାଏନ୍ କମିଛେ । ଆଏବା ୪ ଦିନ୍‌ତକ୍ ଶୀତ୍ ଆହୁରି କମ୍‌ବା । ମଙ୍ଗଲ୍‌ବାର୍ ଆଉ ବୁଧବାର୍ ବଡ଼ଭାଗୀ ଜାଗା ନ ତାପମାତ୍ରା ୧୨ ନୁ ୧୫ ଡିଗ୍ରୀ ଉପ୍‌ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ବାତ୍ୟା ଦିତ୍‌ୱାର୍ ପ୍ରଭାବ୍‌ଥି ରାଜ୍ୟର୍ କୋରାପୁଟ୍, ମାଲ୍‌କାନ୍‌ଗିରି, ଗଞ୍ଜାମ୍, ଗଜପତି, ରାୟଗଡ଼ା ଜିଲ୍ଲା ନ ହାଲ୍‌କା ବର୍ଷା ହେବାର୍ ସମ୍ଭାବନା ରହିଛେ ।